# NATIONAL NEWS BULLETIN (ODIA)

**22 April- 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଆଜିଠାରୁ ଦୁଇଦିନିଆ ସାଉଦୀ ଆରବ ଗସ୍ତରେ ଯାଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।
- ସଂସଦ ଭବନରେ ଚାଲିଛି ଏକ ଦେଶ ଏକ ନିର୍ବାଚନ ସମ୍ପର୍କିତ ଯୁଗ୍ମ ସଂସଦୀୟ କମିଟି ବୈଠକ ।
- ୪ବର୍ଷ ବନ୍ଦ ରହିବା ପରେ ଆସନ୍ତା ଜୁନ୍ ୩୦ରୁ ଆରମ୍ଭ ହେବ କୈଳାସ ମାନସରୋବର ଯାତ୍ରା ।
- ପରିବେଶର ସୁରକ୍ଷା ପ୍ରତି ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ପାଳନ କରାଯାଉଛି ବିଶ୍ୱ ପୃଥିବୀ ଦିବସ ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଆଜି ଲକ୍ଷ୍ନୌ ସୁପରଜ୍ୟାଣ୍ଟସ୍ ଏବଂ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ହେବ ମୁକାବିଲା ।

---

## ପିଏମ୍-ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜିଠାରୁ ଦୁଇଦିନିଆ ସାଉଦୀଆରବ ଗସ୍ତରେ ଯାଇଛନ୍ତି । ଶ୍ରୀ ମୋଦୀଙ୍କର ଏହା ହେଉଛି ସାଉଦି ଆରବକୁ

ତୃତୀୟ ଗସ୍ତ । ସାଉଦି ଆରବର ପ୍ରିନ୍ସ ତଥା ପ୍ରଧାନମନ୍ତ୍ରୀ ମହମ୍ମଦ୍ ବିନ୍ ସଲମାନ୍‌ଙ୍କ ନିମନ୍ତ୍ରଣ କ୍ରମେ ଶ୍ରୀ ମୋଦୀ ଏହି ଗସ୍ତରେ ଯାଇଛନ୍ତି । ଏହି ଗସ୍ତ ଭାରତ-ସାଉଦି ସମ୍ପର୍କକୁ ଅର୍ଥନୈତିକ, ପ୍ରତିରକ୍ଷା ଏବଂ ସାଂସ୍କୃତିକ କ୍ଷେତ୍ରରେ ବ୍ୟାପକ ରଣନୀତିକ ଭାଗିଦାରୀରେ ପରିଣତ କରିବ ବୋଲି ଆଶା କରାଯାଉଛି ।

ସାଉଦୀ ଆରବ ଗସ୍ତରେ ଯିବା ପୂର୍ବରୁ ପ୍ରଧାନମନ୍ତ୍ରୀ କହିଛନ୍ତି ଭାରତ ସାଉଦୀ ଆରବସହ ଥିବା ବହୁ ପୁରାତନ ଓ ଐତିହାସିକ ବନ୍ଧୁତ୍ୱକୁ ସମ୍ମାନ କରେ । ଉଭୟ ଦେଶ ମଧ୍ୟରେ ଥିବା ରଣନୈତିକ ସମ୍ପର୍କ କିଛିବର୍ଷ ହେବ ଦ୍ରୁତଗତିରେ ଆଗକୁ ବଢୁଛି । ଶ୍ରୀ ମୋଦୀ ଉଭୟ ଦେଶ ମଧ୍ୟରେ ଥିବା କେତେକ ସାଧାରଣ ବିଷୟ ସମ୍ପର୍କରେ କହିଛନ୍ତି, ଉଭୟ ଦେଶରେ ଶାନ୍ତି ସ୍ଥାପନ, ବିକାଶ ଏବଂ ସୁରକ୍ଷା ପ୍ରମୁଖ ଭୂମିକା ଗ୍ରହଣ କରିଛି । ସାଉଦୀ ଆରବରେ ରହୁଥିବା ଭାରତୀୟଙ୍କ ସହ ଯୋଡ଼ିହେବା ଲାଗି ଶ୍ରୀ ମୋଦୀ ଇଛାପ୍ରକାଶ କରି କହିଛନ୍ତି ଉଭୟ ଦେଶ ମଧ୍ୟରେ ସାଂସ୍କୃତିକ ଏବଂ ମାନବିକ ବନ୍ଧନକୁ ଦୃଢ଼ କରିବା କ୍ଷେତ୍ରରେ ପ୍ରବାସୀ ଭାରତୀୟଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ।

ଆରବ ନ୍ୟୁଜ୍ ସହ ଏକ ସାକ୍ଷାତ୍‌କାରରେ ଶ୍ରୀ ମୋଦୀ ସାଉଦୀ ଆରବକୁ ଏକ ରଣନୀତିପୂର୍ଣ୍ଣ ଓ ବିଶ୍ୱସ୍ତ ବନ୍ଧୁ ଭାବେ ବର୍ଣ୍ଣନା କରିଛନ୍ତି । ଏହି ଅବସରରେ ଶ୍ରୀ ମୋଦୀ ସାଉଦୀ ଆରବର ପ୍ରିନ୍ସ ମହମ୍ମଦ ବିନ୍ ସଲମନଙ୍କ ନେତୃତ୍ୱ ଓ ଭିଜନ-୨୦୩୦ ପଦକ୍ଷେପ ଗୁଡ଼ିକୁ ପ୍ରଶଂସା କରିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ଉଭୟଦେଶ ମଧ୍ୟରେ ଶକ୍ତି, କୃଷି, ସାର, ସବୁଜ ହାଇଡ୍ରୋଜେନ ଏବଂ ଜ୍ଞାନକୌଶଳ ଆଦି ବିଷୟରେ

ସହଯୋଗ ଆହୁରି ବୃଦ୍ଧି ପାଇବ । ଭାରତ-ମଧ୍ୟପ୍ରାଚ୍ୟ, ପୂର୍ବ ୟୁରୋପ, ଅର୍ଥନୈତିକ କରିଡରର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରି ଶ୍ରୀ ମୋଦୀ ୨୦୩୦ ବିଶ୍ୱମେଳା ଏବଂ ୨୦୩୪ ଫିଫା ଓ୍ୱାଲ୍ଡ କପ୍ ଆୟୋଜନ ନେଇ ଶୁଭେଚ୍ଛା ଜଣାଇଛନ୍ତି । ଉଭୟ ଦେଶ ମଧ୍ୟରେ ସମ୍ପର୍କକୁ ଆହୁରି ଦୃଢ଼ କରିବା ଲାଗି ଭାରତ ପ୍ରତିବଦ୍ଧ ବୋଲି ଶ୍ରୀ ମୋଦୀ ବ୍ୟକ୍ତ କରିଛନ୍ତି ।

ଭାରତ ସାଉଦୀଆରବକୁ ୧୧ ଦଶମିକ ୫/୬ ବିଲିୟନ ଆମେରିକୀୟ ଡଲାର ମୂଲ୍ୟର ରପ୍ତାନୀ କରୁଥିବାବେଳେ ଆମଦାନୀ ୩୧ ଦଶମିକ ୪/୨ ବିଲିୟନ ଡଲାରରେ ପହଞ୍ଚିଛି । ଉଭୟ ଦେଶ ମଧ୍ୟରେ ବହୁ ପୂର୍ବରୁ ଅର୍ଥନୈତିକ ଏବଂ ସାମାଜିକ ସଂସ୍କୃତିର ସମ୍ପର୍କ ରହିଆସିଛି । ୨୦୦୬ ଜାନୁଆରୀରେ ସାଉଦୀ ଆରବର ରାଜା ଅବଦୁଲ୍ଲା ଭାରତ ଗସ୍ତରେ ଆସିଥିବାବେଳେ ଦିଲ୍ଲୀ ଘୋଷଣାନାମା ସ୍ୱାକ୍ଷରିତ ହୋଇଥିଲା ।

ପରେ ୨୦୧୦ରେ ରିୟାଦ ଘୋଷଣାନାମା ସ୍ୱାକ୍ଷରିତ ହେବା ପରେ ଉଭୟ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ଏବଂ ରଣନୈତିକ ଭାଗିଦାରୀତା ଆରମ୍ଭ ହୋଇଥିଲା ।

ପ୍ରଧାନମନ୍ତ୍ରୀଙ୍କ ଜେହାଦ ଗସ୍ତ ସମୟରେ ଅନେକଗୁଡ଼ିଏ ବୁଝାମଣାପତ୍ର ସ୍ୱାକ୍ଷରିତ ହେବାର କାର୍ଯ୍ୟସୂଚୀ ରହିଛି । ବିଶେଷକରି ଆଞ୍ଚଳିକ ସ୍ଥିରତା, ଶକ୍ତିସୁରକ୍ଷା, ପ୍ରତିରକ୍ଷା ଏବଂ ଅର୍ଥନୈତିକ ବିକାଶ ଭଳି ପ୍ରସଙ୍ଗକୁ ଦ୍ୱିପାକ୍ଷିକ ଆଲୋଚନା ସମୟରେ ଗୁରୁତ୍ୱ ପ୍ରଦାନ କରାଯିବ ।

# ଜେପିସି-ଓ୍ୱାନ୍ ନେଶନ ଓ୍ୱାନ୍ ଇଲେକ୍ସନ

ସଂସଦ ଭବନରେ ବର୍ତ୍ତମାନ ଏକ ଦେଶ ଏକ ନିର୍ବାଚନ ସମ୍ପର୍କିତ ଯୁଗ୍ମ ସଂସଦୀୟ କମିଟିର ବୈଠକ ଚାଲିଛି । ଏହି ଅଣଚାଳିଶ ଜଣିଆ କମିଟିରେ ଲୋକସଭାର ୨୭ଜଣ ଏବଂ ରାଜ୍ୟସଭାର ୧୨ଜଣ ସଦସ୍ୟ ରହିଛନ୍ତି । କମିଟିର ପ୍ରଥମ ଅଧିବେଶନ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ହେମନ୍ତ ଗୁପ୍ତା ଓ ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ତଥା ଭାରତର ୨୧ତମ ଆଇନ୍ ଆୟୋଗର ଅଧ୍ୟକ୍ଷ ଡକ୍ଟର ବି.ଏସ୍. ଚୌହ୍ୱାନଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି ।

ଏକ ରାଷ୍ଟ୍ର ଏକ ନିର୍ବାଚନ ଉପରେ ଯୁଗ୍ମ ସଂସଦୀୟ କମିଟି ଅଧ୍ୟକ୍ଷ ପି.ପି. ଚୌଧୁରୀ ନୂଆଦିଲ୍ଲୀରେ କହିଛନ୍ତି ଏକ ରାଷ୍ଟ୍ର ଏକ ନିର୍ବାଚନ ଦେଶର ଅର୍ଥନୀତି ପାଇଁ ଲାଭଦାୟକ ହେବ । ସେ କହିଛନ୍ତି ବାରମ୍ବାର ନିର୍ବାଚନ କରିବା ଦ୍ୱାରା ଶିକ୍ଷା ବ୍ୟବସ୍ଥାରେ ଅସୁବିଧା ସୃଷ୍ଟି ହେବା ସହ ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କୁ ପ୍ରଭାବିତ କରିଥାଏ । ସେ କହିଛନ୍ତି ...

**V/O (PP Choudhury)**

# କୈଳାସ ମାନସରୋବର ଯାତ୍ରା

କୋଭିଡ ମହାମାରୀର ଭୟାବହତା ଯୋଗୁଁ ୪ବର୍ଷ ବନ୍ଦ ରହିବା ପରେ ଆସନ୍ତା ଜୁନ୍ ୩୦ ତାରିଖରୁ କୈଳାସ ମାନସରୋବର ଯାତ୍ରା ପୁଣି ଆରମ୍ଭ ହେବ । ଉତ୍ତରାଖଣ୍ଡ ମାର୍ଗ ଦେଇ ଏହି ତୀର୍ଥଯାତ୍ରା ଆୟୋଜିତ ହେବ । ଉତ୍ତରାଖଣ୍ଡ ସରକାର ଏବଂ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମିଳିତ ତତ୍ତ୍ୱାଧାନରେ ଏହି ଯାତ୍ରା ଆୟୋଜନ କରାଯିବ । ଚଳିତବର୍ଷ ଏହି

ଯାତ୍ରାର ପରିଚାଳନା ଦାୟିତ୍ୱ କୁମାଉଁ ମଣ୍ଡଳ ବିକାଶ ନିଗମକୁ ଦିଆଯାଇଛି । ସୂଚନା ମୁତାବକ ଏହି ଯାତ୍ରା ଦିଲ୍ଲୀରୁ ଆରମ୍ଭ ହୋଇ ପିଥରାଗଡ ଜିଲ୍ଲାର ଲିପୁଲେଖ ପାସ୍ ଦେଇ ଚୀନ୍‌ରେ ପ୍ରବେଶ କରିବ । ମୋଟ୍ ୨୫୦ଜଣ ତୀର୍ଥଯାତ୍ରୀ ଏହି ୨୨ଦିନିଆ କୈଳାସ ମାନସରୋବରରେ ଯାତ୍ରା କରିବେ । ୫୦ଜଣ ଲେଖାଏଁ ତୀର୍ଥଯାତ୍ରୀଙ୍କୁ ୫ଟି ଦଳରେ ନିଆଯିବ । ପ୍ରଥମ ଦଳ ଜୁଲାଇ ୧୦ ତାରିଖରେ ଚୀନ୍‌ରେ ପ୍ରବେଶ କରିବା କାର୍ଯ୍ୟକ୍ରମ ଥିବାବେଳେ ପଞ୍ଚମ ବ୍ୟାଚ୍ ଅଗଷ୍ଟ ୨୨ରେ ପ୍ରତ୍ୟାବର୍ତ୍ତନ କରିବେ । ଯାତ୍ରା ସମୟରେ ଟନକପୁର, ଧାରଚୁଲା, ଗୁଞ୍ଜି ଓ ନାଭିଧଙ୍ଗରେ ତୀର୍ଥଯାତ୍ରୀ ଦଳ ଅଟକି ରହିବେ । ପିଥରାଗଡର ଗୁଞ୍ଜିଠାରେ ସମସ୍ତଙ୍କ ସ୍ୱାସ୍ଥ୍ୟପରୀକ୍ଷା କରାଯିବ ବୋଲି ସୂଚନା ମିଳିଛି ।

## ଭିପି-କନ୍‌ଷ୍ଟ୍ୟୁଚେସନ

ଉପରାଷ୍ଟ୍ରପତି ଜଗଦୀପ ଧନଖଡ କହିଛନ୍ତି ନିର୍ବାଚିତ ପ୍ରିନିଧିମାନେ ସମ୍ବିଧାନର ବିଷୟବସ୍ତୁ ନିର୍ଦ୍ଧାରଣ କରିବା କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି । ଆଜି ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି କହିଛନ୍ତି ସଂସଦ ହେଉଛି ସର୍ବୋଚ୍ଚ ଏବଂ ସମ୍ବିଧାନ ସଂସଦ ଉପରେ କୌଣସି ଅଧିକାରର ପରିକଳ୍ପନା କରେ ନାହିଁ । ସେ କହିଛନ୍ତି ସମ୍ବିଧାନ ଲୋକଙ୍କ ପାଇଁ ଏବଂ ଏହା ଦେଶର ପ୍ରତ୍ୟେକ ବ୍ୟକ୍ତିଙ୍କ ଭଳି ସର୍ବୋଚ୍ଚ ଅଟେ ।

## ୱାର୍ଲ୍ଡ ଆର୍ଥ ଡେ

ଆଜି ସମଗ୍ର ଦେଶରେ ବିଶ୍ୱ ପୃଥିବୀ ଦିବସ ପାଳନ କରାଯାଉଛି । ପରିବେଶର ସୁରକ୍ଷା ପ୍ରତି ସଚେତନତା ସୃଷ୍ଟି ପାଇଁ ଏହି ଦିବସ ପାଳନ କରାଯାଉଛି । ଚଳିତ ବର୍ଷର ବାର୍ତ୍ତା ରହିଛି **'ଆମ ଶକ୍ତି ଆମ ପୃଥିବୀ'** ।

୧୯୭୦ ମସିହା ଏପ୍ରିଲ ୨୨ ତାରିଖରେ ଆମେରିକାରେ ପ୍ରଥମଥର ପାଇଁ ପୃଥିବୀ ଦିବସ ପାଳନ କରାଯାଇଥିଲା। ପୃଥିବୀର ପରିବେଶର ସୁରକ୍ଷା ଓ ସଂରକ୍ଷଣ ପାଇଁ ଏହି ଦିବସ ପାଳନ କରାଯାଉଛି । ଏକ ଉତ୍ତମ ଭବିଷ୍ୟତ ଓ ସୁସ୍ଥ ପୃଥିବୀର ଗଠନ ଲାଗି ବିଶ୍ୱର ଜନସାଧାରଣଙ୍କୁ ଏଥିରେ ନିବେଦନ କରାଯାଉଛି ।

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ବିଶ୍ୱ ପୃଥିବୀ ଦିବସ ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ଶ୍ରୀ ଶାହା କହିଛନ୍ତି ମା' ପୃଥିବୀ ଜୀବନକୁ ପ୍ରୋତ୍ସାହିତ କରିଥାଏ ଏବଂ ବିକାଶ ପାଇଁ ଜରୁରୀ ପୋଷଣ ଯୋଗାଇଥାଏ । ପୃଥିବୀର ସୁରକ୍ଷା ଏବଂ ଏହାର ଉନ୍ନତି ଲାଗି ସମସ୍ତଙ୍କୁ ଯତ୍ନବାନ ହେବାକୁ ପଡିବ ବୋଲି ଶ୍ରୀ ଶାହା କହିଛନ୍ତି । ମୋଦୀ ସରକାର ନିରନ୍ତର ବିକାଶ ପାଇଁ ବିଶ୍ୱସ୍ତରୀୟ ପଦକ୍ଷେପ ଗୁଡ଼ିକର ନେତୃତ୍ୱ ନେଉଛନ୍ତି ବୋଲି ସେ କହିଛନ୍ତି । ପୃଥିବୀକୁ ଏକ ଉତ୍ତମ ସ୍ଥାନରେ ପରିଣତ କରିବା ପାଇଁ ଅକ୍ଲାନ୍ତ ପରିଶ୍ରମ କରୁଥିବା ସଂରକ୍ଷକଙ୍କ ପ୍ରୟାସକୁ ମଧ୍ୟ ସ୍ୱରାଷ୍ଟ୍ରମନ୍ତ୍ରୀ ପ୍ରଶଂସା କରିଛନ୍ତି ।

## ଇପିଏଫ୍‌ଓ

କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ ଇପିଏଫ୍‌ଓରେ ଗତ ଫେବୃୟାରୀ ମାସରେ ୧୬ଲକ୍ଷ ୧୦ହଜାର ସଦସ୍ୟ ଯୋଡ଼ି ହୋଇଛନ୍ତି । ସଂଗଠନ ପକ୍ଷରୁ ଚଳିତବର୍ଷ ଫେବୃୟାରୀ ପାଇଁ ଅସ୍ଥାୟୀ ପେରୋଲ୍ ଡାଟା ସାର୍ବଜନୀନ କରାଯାଇଛି । ତଥ୍ୟ ଅନୁଯାୟୀ ଗତବର୍ଷ ତୁଳନାରେ ଚଳିତବର୍ଷ ୩ ଦଶମିକ ୯/୯ ପ୍ରତିଶତ ଅଧିକ ସଦସ୍ୟ ସାମିଲ ହୋଇଛନ୍ତି । ଚଳିତବର୍ଷ ଫେବୃୟାରୀରେ ୭ଲକ୍ଷ ଅଣଚାଳିଶ ହଜାର ନୂତନ ସଦସ୍ୟ ଇପିଏଫ୍‌ଓରେ ପଞ୍ଜିକୃତ ହୋଇଛନ୍ତି । ସେମାନଙ୍କ ମଧ୍ୟରେ

୪ଲକ୍ଷ ୨୭ହଜାର ୧୮ରୁ ୨୫ ବର୍ଷ ବୟସ ବର୍ଗର ଅଛନ୍ତି । ଫେବୃୟାରୀରେ ସାମିଲ ହୋଇଥିବା ମୋଟ୍ ସଦସ୍ୟଙ୍କ ମଧ୍ୟରୁ ଯୁବ ସଦସ୍ୟଙ୍କ ସଂଖ୍ୟା ୫୭ ଦଶମିକ ୭/୧ ପ୍ରତିଶତ ବୋଲି ଜଣାପଡିଛି ।

ଅନ୍ୟପକ୍ଷରେ ପୂର୍ବରୁ ଇସ୍ତଫା ଦେଇଥିବା ପ୍ରାୟ ୧୩ଲକ୍ଷ ୧୮ହଜାର ସଦସ୍ୟ ପୁନର୍ବାର ଇପିଏଫ୍‌ଓରେ ଯୋଗ ଦେଇଛନ୍ତି । ବାର୍ଷିକ ତୁଳନାରେ ଏହା ୧୧ଦଶମିକ ୮/୫ ପ୍ରତିଶତ ବୃଦ୍ଧିକୁ ଦର୍ଶାଉଛି । ସେହିପରି ୨ଲକ୍ଷ ୮ହଜାର ନୂଆ ମହିଳା ଗ୍ରାହକ ମଧ୍ୟ ଇପିଏଫ୍‌ଓରେ ଯୋଗ ଦେଇଛନ୍ତି । ସୂଚନା ଅନୁଯାୟୀ ମହାରାଷ୍ଟ୍ରରୁ ୨୦ଦଶମିକ ୯ ପ୍ରତିଶତରୁ ଅଧିକ ସଦସ୍ୟ ଇପିଏଫ୍‌ଓରେ ସାମିଲ ହୋଇଥିବାବେଳେ ତାମିଲନାଡୁ, କର୍ଣ୍ଣାଟକ, ଗୁଜୁରାଟ, ହରିୟାଣା, ଦିଲ୍ଲୀ, ତେଲେଙ୍ଗାନା ଓ ଉତ୍ତରପ୍ରଦେଶ ଭଳି ରାଜ୍ୟରୁ ଅଧିକ ସଂଖ୍ୟକ ସଦସ୍ୟ ଯୋଗ ଦେଇଛନ୍ତି ।

## ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଆଜି ଲକ୍ଷ୍ନୌ ସୁପରଜ୍ୟାଣ୍ଟସ୍ ଏବଂ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ମୁକାବିଲା ହେବ । ଲକ୍ଷ୍ନୌର ଏକନା ଷ୍ଟାଡିୟମ୍ ଠାରେ ଏହି ମ୍ୟାଚ୍ ସନ୍ଧ୍ୟା ସାଢ଼େ ୭ଟାରେ ଆରମ୍ଭ ହେବ ।

ଗତକାଲିର ମ୍ୟାଚ୍‌ରେ ଗୁଜରାଟ ଟାଇଟନ୍ସ ୩୯ରନ୍‌ରେ କୋଲକାତା ନାଇଟ୍ ରାଇଡର୍ସ୍‌କୁ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ଗୁଜରାଟ ଟାଇଟନ୍ସ ୩ ୱିକେଟ୍ ବିନିମୟରେ ୧୯୮ରନ୍ ସଂଗ୍ରହ କରିଥିଲା ।

୧୯୯ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି କୋଲକାତା ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ୍ ବିନିମୟରେ ୧୫୯ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା । ଏହି ବିଜୟ ସହ ଗୁଜରାଟ ଟାଇଟନ୍ସ ପଏଣ୍ଟ ତାଲିକାର

ଶୀର୍ଷରେ ପହଞ୍ଚିଛି । ୮ଟି ମ୍ୟାଚ୍‌ରୁ ୬ଟି ବିଜୟ ସହ ଗୁଜରାଟ ୧୨ ପଏଣ୍ଟ ହାସଲ କରିଛି । ଅନ୍ୟ ପକ୍ଷରେ କୋଲକାତା ୮ଟି ମ୍ୟାଚ୍‌ରୁ ୩ଟି ବିଜୟ ସହ ୬ ପଏଣ୍ଟ ପାଇ ତାଲିକାର ସପ୍ତମ ସ୍ଥାନରେ ରହିଛି ।